
୨୪ ବର୍ଷ ବନାମ ୨ ବର୍ଷ
ବିକଶିତ ବ୍ରହ୍ମପୁର, ବିକଶିତ ଓଡ଼ିଶା
"ସୁଦୃଢ଼ ଭିତ୍ତିଭୂମି, ସମାବେଶୀ ଜନବିକାଶ ଓ ଆଧୁନିକ ଡିଜିଟାଲ୍ ସେବା ସହ ବ୍ରହ୍ମପୁର ଗଢୁଛି ଏକ ସମୃଦ୍ଧ, ସଶକ୍ତ ଓ ଆତ୍ମନିର୍ଭର ଓଡ଼ିଶା"
INFRASTRUCTURE &
PUBLIC DEVELOPMENT
Brahmapur Assembly Constituency
KEY INFRASTRUCTURE INITIATIVES
Atal Bihari Vajpayee Statue
Constructed
Vande Bharat Express
Operational connecting Brahmapur and Tatanagar
Bedabandha Development Project, Gosaninuagon (Bedabandha)
EV Charging Station
₹50 Lakh
Affordable Housing Projects under PMAY 2.0
Proposed at Lathi and Sukunda
Lochapada Divider
Proper Underground Sewage System
Valuation of more than 600 Crores
MAJOR DEVELOPMENT PROJECTS
GATE BAZAR FLYOVER
₹120 Crore
OVERALL DEVELOPMENT OF MKCG MEDICAL COLLEGE
₹1,984.69 Crore
FLYOVER BRIDGE FROM TATA BENZ SQUARE TO MKCG MEDICAL SQUARE
₹146.01 Crore
FLYOVER BRIDGE FROM GIRI ROAD JUNCTION TO OLD BUS STAND VIA PVN RAO PETROL PUMP
₹168.26 Crore
Dr.Shyama Prasad Mukharjee Health Village & Bedabandha Development Project, Gosaninuagon
₹35 Crore
BEDA BANDHA
INFRASTRUCTURE FOR GROWTH
HOUSING FOR ALL
COMMUNITY WELFARE
DIGITAL SERVICES FOR ALL

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୨।୬(ସମିସ)

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ ଠାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ ହୋଇଯାଇଛି। ଏହି ଯୋଜନାରେ ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଣ୍ଡପିଛା ପ୍ରତିମାସରେ ୫ କିଲୋ ଚାଉଳ ପାଉଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆହୁରି ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯିବ। ସେହିପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ଅପ୍ରେଲ ୨୦୨୬ରୁ ମୁଣ୍ଡପିଛା ଭାବେ ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣା ଦିଆଯିବ। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ



ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବାଲା ସାୟାମା, ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ସୁନେମୀ ମଣ୍ଡଳ, ବ୍ରହ୍ମପୁର ସାଂସଦ ପ୍ରତିନିଧି ଡି.ରାଜେଶ, ଗୁମ୍ମା ଜିଲ୍ଲାପରିଷଦ ସଭ୍ୟା ରେଣୁକା ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ପରେ ପରେ ଜିଲ୍ଲାର ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଯୋଗାଣ ଅଧିକାରୀ ସୁହାନ ଭୋଇ ପରିଚାଳନା କରିଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ହିତାଧୀକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା।

# କୃଷି ଉଦ୍ୟାନ ନିର୍ଦ୍ଦେଶକଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ



ଜି ଉଦୟଗିରି ୧୨।୬(ସମିସ): କୃଷି ଉଦ୍ୟାନ ନିର୍ଦ୍ଦେଶକ (ଆଇଏଫଏସ) କଲୁଙ୍ଗେ ଗୋରଖ ୱାମେନ ଜି ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଆସି କୃଷି ବିଜ୍ଞାନ କେନ୍ଦ୍ର ରେ ଥିବା ବିଭିନ୍ନ ପରିଦର୍ଶନ ୟୁନିଟ ବୁଲି ଦେଖିବା ସହ କେନ୍ଦ୍ରର ବିଭିନ୍ନ ଜ୍ଞାନ କୌଶଳକୁ ଜିଲ୍ଲା ରେ କୃଷି ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଆରେ ଗୋଲମରିଚ, ଷ୍ଟ୍ରବେରୀ, ଲିଚୁ ଓ ବିଭିନ୍ନ ପନିପରିବା ଚଷର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ ଡ ନାରାୟଣ ବାର ଓ ମୃତ୍ତିକା ବୈଜ୍ଞାନିକ ଡ଼ ସୁଜିତ କୁମାର ମୁଖୀ, ଓ ଅନ୍ୟ ବୈଜ୍ଞାନିକ ସନତ କୁମାର ମେହେର, ପ୍ରଶାନ୍ତ କୁମାର ନନ୍ଦଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂକୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା

ଖଲ୍ଲିକୋଟ,୧୨।୬(ସମିସ)



ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂକୁଳ ସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି, ଓଡିଶା ଦକ୍ଷିଣ ପୂର୍ବ ସମ୍ଭାଗ ସଂକୁଳ ସ୍ତରୀୟ ଏହି କର୍ମଶାଳା ଗତ ୯ ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଥିଲା। ଖଲ୍ଲିକୋଟ ସଂକୁଳ ସଂଯୋଜକ ସନ୍ତୋଷ କୁମାର ଶତପଥୀ ଓ ପ୍ରଧାନ ଆଚାର୍ଯ୍ୟ ଦେବାବାଳା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାର ଉଦଘାଟନ ଦିବସରେ ଶିକ୍ଷା ବିକାଶ ସମିତି, ଓଡିଶାର କୋଷାଧକ୍ଷ ସତ୍ୟନାରାୟଣ ପଟ୍ଟନାୟକ, ସଂକୁଳ ପ୍ରମୁଖ ବିଭୁତି ଭୂଷଣ ପାତ୍ର, ଶିଶୁ ବିଦ୍ୟା ମନ୍ଦିରର ସଭାପତି ପ୍ରତାପ କୁମାର ମହାପାତ୍ର, ସମ୍ପାଦକ ଅକ୍ଷୟ କୁମାର ସାହୁ, ସମ୍ଭାଗ ସଂଯୋଜକ ପ୍ରକାଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଅନୁଷ୍ଠିତ ଉଦଯାପନୀ ଦିବସରେ ଦକ୍ଷିଣ ପୂର୍ବ ସମ୍ଭାଗର ଦୀପକ କୁମାର ମହାରଣା ଉପସ୍ଥିତ ରହି ସମସ୍ତଙ୍କୁ ମାର୍ଗ ଦର୍ଶନ କରିଥିଲେ। ଶିଶୁ ମନ୍ଦିରର କୋଷାଧକ୍ଷ ଗିରିଜା ଶଙ୍କର ସାବତ ମଧ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ଅକ୍ଷୟ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏନଇପି ଆଧାରରେ ପଞ୍ଚପଦୀ ଅଧିଗମ ପଦ୍ଧତିରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ୮ ଗୋଟି ବିଦ୍ୟାଳୟର ୧୦୪ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଅଂଶ ଗ୍ରହଣ କରିଥିଲେ। ଖଲ୍ଲିକୋଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ପରିଚାଳନା କମିଟି ସଦସ୍ୟ ଓ ସେବାବ୍ରତୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# ଦୁଇ ବର୍ଷରେ ସହରର ବିକାଶ ତ୍ୱରାନ୍ୱିତ: ବିଧାୟକ

ବ୍ରହ୍ମପୁର,୧୨।୬(ସମିସ)

ରାଜ୍ୟରେ ପରିବର୍ତ୍ତିତ ତଥା ନୂତନ ସରକାର ଗଠନକୁ ଦେଖୁ ଦେଖୁ ଇତିମଧ୍ୟରେ ବିତିଯାଇଛି ଦୁଇବର୍ଷ। ସହରର ସାମଗ୍ରିକ ବିକାଶକୁ ନେଇ ରହିଥିବା ସମସ୍ତ ସମ୍ଭାବନାକୁ କିଭଳି ସଫଳ କାର୍ଯ୍ୟକାରୀ କରାଯାଇପାରିବ ସେଥିପାଇଁ ରୋଡମ୍ୟାପ ପ୍ରସ୍ତୁତ ହୋଇଥିବା କହିଛନ୍ତି ବ୍ରହ୍ମପୁରର ଯୁବ ବିଧାୟକ କେ. ଅନୀଲ କୁମାର। ସେ କହିଛନ୍ତି, ବ୍ରହ୍ମପୁର ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଆୟୁଷ୍ମାନ ଭାରତ ଯୋଜନାରେ ୭୫ହଜାରରୁ ଅଧିକ ହିତାଧିକାରୀ ସାମିଲ ହୋଇଥିବା ବେଳେ ଗରିବ ଓ ମଧ୍ୟବିତ୍ତ ପରିବାରକୁ ଖାଦ୍ୟସୁରକ୍ଷା ନିଶ୍ଚିତ କରିବା ପାଇଁ ୪୬,୯୮୦ରୁ ଅଧିକ ପରିବାରକୁ ରାସନ କାର୍ଡ ପ୍ରଦାନ କରାଯାଇପାରିଛି। ଏଥିରେ ୧ଲକ୍ଷ ୪୯ହଜାର ୭୭୪ଜଣ ଉପକୃତ ହେଉଛନ୍ତି। 'ସୁଭଦ୍ରା' ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଯାଉଛି। ଏଥିରେ ୫୫ଲକ୍ଷରୁ ଅଧିକ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି। ଲୋକଙ୍କ ଅଭିଯୋଗ ସିଧାସଳଖ ବିଧାୟକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉତ୍ସର୍ଗୀକୃତ ୱେବସାଇଟ କାର୍ଯ୍ୟକରୁଛି। ବିଭିନ୍ନ ସରକାରୀ ଯୋଜନାର ଡିଜିଟାଲ ସେବା ପ୍ରଦାନ ପାଇଁ ପୋର୍ଟାଲ ଆରମ୍ଭ କରାଯାଇଛି। ଶିକ୍ଷା, କ୍ରୀଡା, ସଂସ୍କୃତି ଓ ସାମୂହିକ ସେବା ଭଳି ପ୍ରମୁଖ କ୍ଷେତ୍ରକୁ ଦୃଢ କରିବା ପାଇଁ ବିଧାୟକ ହାତପାଣ୍ଠି ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୨୦କୋଟିରୁ ଉର୍ଦ୍ଧ୍ୱ ଅର୍ଥରେ ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରାଯାଇଛି।

ବିଧାୟକ ହାତ ପାଣ୍ଠିରୁ ୧୫କୋଟିରେ ୧୯୪ଟି ପ୍ରକଳ୍ପ ଏବଂ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୫କୋଟିରେ ୪୦ଟି ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ସିନ୍ଥେଟିକ ୱାକିଂ ଟ୍ରାକ ନିର୍ମାଣ ପାଇଁ ୫୦ଲକ୍ଷ, କେ.ଭି ଲାଇନ କଲୋନୀ ସରକାରୀ ବିଦ୍ୟାଳୟ ଗୃହ ନବୀକରଣ ପାଇଁ ୩୫ଲକ୍ଷ, ମ୍ୟୁନିସପାଲ ଜିମ୍ନାସିୟମ ପାଇଁ ୬୦ଲକ୍ଷ, ପ୍ରକାଶମ ହଲ ପାଇଁ ୩୫ଲକ୍ଷ, ଗଞ୍ଜାମ ଚାମ୍ବର ଅଫ କମର୍ସ ଗୃହର ନବୀକରଣ ପାଇଁ ୨୦ଲକ୍ଷ ଟଙ୍କା ବିଧାୟକ ନିଜ ହାତ ପାଣ୍ଠିରୁ ପ୍ରଦାନ କରିଛନ୍ତି। ଏଥିମଧ୍ୟରୁ ଖୋଦ୍ ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନେକ କାର୍ଯ୍ୟ ଶେଷ



ହୋଇସାରିଥିବା ବେଳେ ଅବଶିଷ୍ଟ ପ୍ରକଳ୍ପ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଫ୍ଲଡ ଲାଇଟ ବ୍ୟବସ୍ଥା ପାଇଁ ୧୨କୋଟି, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ କୋଠା ନିର୍ମାଣ ପାଇଁ ୨୫କୋଟି, ବ୍ରହ୍ମପୁର ଠାରୁ ଜୟପୁର ପର୍ଯ୍ୟନ୍ତ ୬ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ୮ହଜାର କୋଟିର ଅନୁଦାନ ମିଳିବା ଏବଂ ବ୍ରହ୍ମପୁର ଉପକଣ୍ଠରେ ମହାରାଜା ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଭଳି ହସ୍ପିଟାଲ ପାଇଁ ଅର୍ଥ ମଞ୍ଜୁରୀ ହୋଇଥିବା ବେଳେ ଜମି ଚିହ୍ନଟ ଜାରି ରହିଥିବା ବିଭିନ୍ନ ମେଗା ପ୍ରକଳ୍ପ ମଧ୍ୟରୁ ଅନ୍ୟତମ ବୋଲି କହିଛନ୍ତି ବିଧାୟକ କେ. ଅନୀଲ କୁମାର। ସହରର ସାଂସ୍କୃତିକ ଓ ଐତିହ୍ୟର ସଂରକ୍ଷଣ ସହ ଲୋକଙ୍କ ସୁବିଧା ପାଇଁ ନାଗରିକ କୈନ୍ଦ୍ରିକ ପ୍ରକଳ୍ପ ହାତକୁ ନିଆଯାଇଛି।

ଏମକେସିଜି ମେଡିକାଲ ନିକଟସ୍ଥ ମର୍ଦ୍ଦରାଜ ଭେଣ୍ଡିଂ ଜୋନ ନିକଟରେ ଗୁଣ୍ଡିଚା ମନ୍ଦିରର ପୁନଃରୁଦ୍ଧାର, ରେଡିଓ ଷ୍ଟେସନ ଠାରୁ ଲୋଚାପଡା ରୋଡ ପର୍ଯ୍ୟନ୍ତ ୧କୋଟି ୧୨ଲକ୍ଷ ଟଙ୍କା ବ୍ୟୟରେ ମିନି ହାଇମାଷ୍ଟ ଲାଇଟ ସଂଯୋଗ ସମ୍ପୂର୍ଣ୍ଣ ହୋଇଛି। ଗ୍ରୀଷ୍ମପ୍ରବାହ ଓ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ସହରର ୮ଟି ପ୍ରମୁଖ ସ୍ଥଳରେ ୨୩ଲକ୍ଷ ଟଙ୍କା ବ୍ୟୟରେ ୱାଟର କୁଲିଂ ମେସିନ ସ୍ଥାପନ କରାଯାଇଛି। ଡୁଡୁମା କଲୋନୀରେ ନୂତନ ତଥା ଅସ୍ଥାୟୀ ବସଷ୍ଟାଣ୍ଡ ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିପାରିଛି। ପରିବର୍ତ୍ତିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ଥାୟୀ ବସ ଟର୍ମିନାଲ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର।

# ଶେରଗଡ଼ ବ୍ଲକ୍ ହାତରେ ଧରାକୋଟ ବ୍ଲକର ଶାସନ ଡୋରି

ଧରାକୋଟ,୧୨।୬(ସମିସ): ଗତ ମେ ମାସ ପହିଲା ରୁ ଧରାକୋଟ ବ୍ଲକ ରେ କର୍ମଚାରୀ ଜନିତ ସମସ୍ୟା ଯୋଗୁଁ ବ୍ଲକ ପ୍ରଶାସନର କାର୍ଯ୍ୟ ପ୍ରାୟ ଏକ ରକମ ଠପ ହୋଇଯାଇଥିବା ଦେଖିବାକୁ ମିଳିଛି। ଏଥିରେ ଚରମ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ୧୮ ଟି ପଞ୍ଚାୟତର ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନ ସାଧାରଣ। ଗତ ଏପ୍ରିଲ ୩୦ରେ ଧରାକୋଟ ବିଡିଓ ଅବସର ନେଇ ଥିବା ବେଳେ ଶେରଗଡ଼ ବିଡ଼ିଓଙ୍କୁ ଜିଲ୍ଲାପାଳଙ୍କ ତରଫରୁ ଅତିରିକ୍ତ ଦାୟିତ୍ୱରେ ରହିବା ପାଇଁ ନିର୍ଦ୍ଦେଶ ମିଳିଥିଲା। ଗତ ମେ ମାସ ଶେଷ ଦିବସ ରେ ସହକାରୀ ଯନ୍ତ୍ରୀ ଅବସର ଗ୍ରହଣ କରିବା ପରେ ଶେରଗଡ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଧରାକୋଟ ବ୍ଲକର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ବାଦ ଅନେକ ଗୁଡ଼ିଏ ପଦ ପଦବୀ ଖାଲି ରହି ଥିବା ଯୋଗୁଁ କୌଣସି କାର୍ଯ୍ୟ ବ୍ଲକରେ ହୋଇ ପାରି ନ ଥିବା ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଇବା ସହ ଲୋକ ପ୍ରତିନିଧି ମାନେ ମଧ ଅସନ୍ତୋଷ ଜାହିର କରିଛନ୍ତି। ବ୍ଲକ ପ୍ରଶାସନ ର ବିକାଶ କାର୍ଯ୍ୟ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିବା ବେଳେ ବ୍ଲକ ଟି ରାଜ୍ୟ ସରକାର ଜିଲ୍ଲା ପ୍ରଶାସନର ଦୃଷ୍ଟି ନ ପଡ଼ିଲେ ଖୁବ୍ ଶୀଘ୍ର ଭୂତ କୋଠି ପାଲଟି ଯିବାର ସମ୍ଭାବନା ଏଡାଇ ଦିଆ ନ ଯାଇପାରେ। ମୁଖ୍ୟତଃ ତିନି ମାସ ହେଲା ଗରିବ,ଗୁରୁବା, ବୃଦ୍ଧ, ବୃଦ୍ଧା ଭିନ୍ନ କ୍ଷମ ,ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀ ମାନଙ୍କୁ ସେମାନଙ୍କ ଭତ୍ତା ମିଳିନାହିଁ କିମ୍ବା ଏଥି ପ୍ରତି କାହାର ମଧ ତିଳେ ମାତ୍ର ଦୃଷ୍ଟି ପଡୁ ନାହିଁ। ଧରାକୋଟ ବ୍ଲକରେ ପ୍ରଶାସନର ଅପାରଗତା ଓ ମୂରବୀ ବିହୀନ ରାଜ ନୈତିକ ଇଚ୍ଛା ଶକ୍ତିର ଚରମ ଅବହେଳା ଦେଖିବାକୁ ମିଳିଛି। ସବୁଠାରୁ ଦୁର୍ଭାଗ୍ୟ ଜନକ ଓ ପରିତାପର ବିଷୟ ହେଲା ଧରାକୋଟ ବ୍ଲକର ସମସ୍ତ କାର୍ଯ୍ୟ ଶୈଳୀ ଶେରଗଡ଼ ବ୍ଲକରୁ ପରିଚାଳିତ ଓ ନିୟନ୍ତ୍ରିତ ହେଉଥିବା ଦେଖିବାକୁ ମିଳିଛି। ଭିଡିଓ ପ୍ରୋଗ୍ରାମୀ କନଫରେନ୍ସ ପାଇଁମଧ ଧରାକୋଟ ବ୍ଲକ ଭିତରେ ଥିବା ସମସ୍ତ ବିଭାଗୀୟ କର୍ମଚାରୀ ମାନେ ଶେରଗଡ଼ ଚାଲି ଯାଉଥିବା ଯୋଗୁଁ ବ୍ଲକ ପ୍ରକୋଷ୍ଠ ଖାଲି ପଡୁଥିବା ଦେଖିବାକୁ ମିଳୁଛି। ଭୀଷଣ ଗରମ ରେ ଜନ ସାଧାରଣ ସନ୍ତୁଳିତ ହେଉଥିବା ବେଳେ କୌଣସି କର୍ମଚାରୀଙ୍କୁ ବ୍ଲକରେ ନ ପାଇ ଦୂର ଦୂରଦୂରାନ୍ତରୁ ଆସୁଥିବା ମହିଳା,ବୃଦ୍ଧ, ବୃଦ୍ଧା,ପୁରୁଷ ଭୀଷଣ ଅସନ୍ତୋଷରେ ମନ ସ୍ଥାପ କରି ଘରକୁ ଫେରୁଛନ୍ତି।

ଧରାକୋଟ ବି ଏଫ୍ ଓ ଛୁଟିରେ ଯାଇଥିବା ବେଳେ ଶେରଗଡ ବିଏଫ୍ଓଙ୍କୁ ଧରାକୋଟ ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଣୁ ଉନ୍ନୟନ କାର୍ଯ୍ୟର ବିଲ ମଧ ଠିକ ସମୟରେ ମିଳୁନାହିଁ । ଆଶ୍ଚର୍ଯ୍ୟର କଥା ଏହା ମଧ୍ୟରେ ରାଜ୍ଯ ସରକାର ବିଭିନ୍ନ ବ୍ଲକର ବିଡିଓ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପୂରଣ କରିଥିଲେ ମଧ ଧରାକୋଟ ଏଥିରୁ ବାଦ ପଡିଛି ଏହା ମଧ୍ୟରେ ବ୍ଲକର ତିନିଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମଧ ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ଫଳରେ ଧରାକୋଟ ବ୍ଲକରେ ଏକ ରକମ କର୍ମଚାରି ମରୁଡି ଦେଖାଦେଇଛି। ଗଞ୍ଜାମ ଜିଲ୍ଲା ପାଳ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେଇ ବ୍ଲକ ସମସ୍ତ ପଦବୀ ଶୀଘ୍ର ପୂରଣ କରିବା ପାଇଁ ଜନ ସାଧାରଣରେ ଦାବି କରିଛନ୍ତି ।

# ଶୈବପୀଠ ଦାନ ବାକ୍ସ ଭାଙ୍ଗି ଲୁଟ୍



ଦିଗପହଣ୍ଡି,୧୨।୬(ସମିସ): ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ଗ୍ରାମ ଶ୍ରୀ ତୁମ୍ବେଶ୍ୱର ଶୈବପୀଠ ପରିସରରେ ଥିବା ଦାନବାକ୍ସକୁ କେହି ଦୁର୍ବୃତ୍ତ ଭାଙ୍ଗି ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ସେବାୟତ ଖଲି ମହାପାତ୍ର ପୂଜାର୍ଚ୍ଚନା କରି ମନ୍ଦିର କବାଟ ରେ ତାଲା ପକାଇ ଘରକୁ ଫେରିଥିଲେ। ଶୁକ୍ରବାର ସକାଳେ ସେବାୟତ ଶୈବପୀଠକୁ ଗଲାପରେ କବାଟର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ପରେ ଭିତରକୁ ଯାଇ ଦେଖିବା ବେଳେ ଦାନବକ୍ସ ଭାଙ୍ଗି କେହି ଦୁର୍ବୃତ୍ତ ଭକ୍ତ ମାନେ ପ୍ରଦାନ କରିଥିବା ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ କେତେକ ଗ୍ରାମବାସୀ ଏବଂ ଶୈବପୀଠ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଓ ସଭ୍ୟ ମାନଙ୍କୁ ଜଣାଇଥିଲେ। ବହୁସଂଖ୍ୟକ ଗ୍ରାମବାସୀ ଶୈବପୀଠରେ ପହଞ୍ଚି ଘଟଣା ଦେଖିଥିଲେ। ପରେ ଶୈବପୀଠ ପରିଚାଳନା କମିଟି କର୍ମକର୍ତ୍ତା ବୃନ୍ଦ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି କିଶୋର କୁମାର ସାମଲ ସେମାନଙ୍କ ସହ ସବିଶେଷ ଆଲୋଚନା କରିବାପରେ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

# ହାଇୱା ଧକ୍କାରେ ତହସିଲଦାରଙ୍କ ବାସଭବନ ପାଚେରି ଭାଙ୍ଗିଲା




ଖଲ୍ଲିକୋଟ,୧୨।୬(ସମିସ): ଖଲ୍ଲିକୋଟ କରଣ ସାହି ରେ ଥିବା ତହସିଲଦାରଙ୍କ ସରକାରୀ ବାସଭବନକୁ ଧକ୍କା ଦେଇଛି ଏକ ବେପରୁଆ ହାଇୱା। ନିର୍ମଳଝର ପଟରୁ ଅତି ଦ୍ରୁତ ଗତିରେ ଆସୁଥିବା ଏକ ମୋରମ ବୋଝେଇ ହାଇୱା ଗାଡ଼ିଟି ଭାରସାମ୍ୟ ହରାଇ ସିଧାସଳଖ ତହସିଲଦାରଙ୍କ ସରକାରୀ ବାସଭବନ ପାଚେରିରେ ପିଟି ହୋଇଯାଇଥିଲା। ଧକ୍କା ହେବା ଫଳରେ ବାସଭବନର ସୁରକ୍ଷା ପାଚେରୀଟି କିଛି ଅଂଶ ଭାଙ୍ଗି ଯାଇଛି।?ଏହି ଦୁର୍ଘଟଣା ଯୋଗୁଁ ଖଲ୍ଲିକୋଟ-ଆସିକା ୩୦ ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଗାଡ଼ି ମୋଟର ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଯାହାଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରବର୍ତ୍ତୀ ସମୟରେ ଘଟଣାସ୍ଥଳକୁ ଏକ ଜେସିବି ମେସିନ ଅଣାଯାଇ ଦୁର୍ଘଟଣାଗ୍ରସ୍ତ ହାଇୱାକୁ ରାସ୍ତାରୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ବାର୍ହା ଶିକାର: ଜଣେ ଗିରଫ, ମୋଟର ସାଇକଲ୍ ଜବତ




ପାତ୍ରପୁର, ୧୩।୬(ସମିସ): ସାମନ୍ତିଆପଲ୍ଲୀ ବନାଞ୍ଚଳ ଅନ୍ତର୍ଗତ କୋଲିହଳା ଗ୍ରାମ ନିକଟରୁ ଏକ ମୃତ ବାରହା ଜବତ କରିବା ସହ ଜଣକୁ ବନ ବିଭାଗ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜଗଦେବପୁର ଗ୍ରାମର ପଦ୍ମଲୋଚନ ଗୌଡ଼। ମୃତ ବାରହା ଓ ଏକ ବାଇକ୍ ବିଭାଗ ପକ୍ଷରୁ ଜବତ ହୋଇଛି। ସାମନ୍ତିଆପଲ୍ଲୀ ବନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ଆଉ କାହାର ସଂପୃକ୍ତି ରହିଛି କି ନାହିଁ, ସେ ନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଛି। ଦିନକୁ ଦିନ ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ବୃଦ୍ଧି ପାଇବାରେ ଲାଗିଛି।

# କିରୀକୁଟି ପଞ୍ଚାୟତରେ 'ବିକାଶର ଧାରା, ଓଡ଼ିଶା ସାରା'

ଦାରିଙ୍ଗବାଡି, ୧୨।୬(ସମିସ): ତୃଣମୂଳ ସ୍ତରରେ ସରକାରୀ ଯୋଜନାର ସଫଳ ରୂପାୟନ ଏବଂ ପଞ୍ଚାୟତଗୁଡ଼ିକର ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକର କିରୀକୁଟି ଗ୍ରାମ ପଞ୍ଚାୟତଠାରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ବ୍ୟାପକ ଜନଭାଗିଦାରୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତସ୍ତରୀୟ ସମାବେଶରେ ସ୍ଥାନୀୟ ପ୍ରତିନିଧି, ବ୍ଲକ ପ୍ରଶାସନିକ ଅଧିକାରୀ ଏବଂ ଗ୍ରାମବାସୀ ଯୋଗ ଦେଇ ଗ୍ରାମୀଣ ବିକାଶର ନୂତନ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦାରିଙ୍ଗବାଡି ବ୍ଲକ ସମିତି ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ଓ ଜନପ୍ରତିନିଧିମାନଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରେ ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥ ଏବଂ ସିଡ଼ିପିଓ ସନ୍ଧ୍ୟାରାଣୀ ପଣ୍ଡା, ଜିପିଡ଼ିଓ ସୁରେଶ ପଣ୍ଡା, ଏପିଓ କେଦାର ପଣ୍ଡା, ବିପିଏମ୍ ପିଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ବୃନ୍ଦାବନ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଗୋକର୍ଣ୍ଣପୁର ଓ ଝଗଡ଼ା ପଲ୍ଲୀ

ଦିଗପହଣ୍ଡି,୧୨।୬(ସମିସ)



ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମ ଖେଳପଡିଆ ରେ ବୃନ୍ଦାବନ ଚନ୍ଦ୍ର ସ୍ୱ?ର୍ଟିଙ୍ଗ କ୍ଲବ ପକ୍ଷରୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଏବଂ ସାନ୍ତୁନୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଝଗଡପଲ୍ଲୀ ଇଲେଭେନ କ୍ରିକେଟ ଟିମ୍ ବିପକ୍ଷ ଦିଗପହଣ୍ଡି ଟିମ୍କୁ ୨୭ ରନରେ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି। ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଗୋକର୍ଣ୍ଣପୁର ଓ ଝଗଡପଲ୍ଲୀ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଝଗଡପଲ୍ଲୀ ୧୬୧ ରନ୍ କରିଥିବା ବେଳେ ଦିଗପହଣ୍ଡି ୧୩୪ କରିବାରେ ସମର୍ଥ ହୋଇଥିଲା। ମ୍ୟାଚ ପ୍ରାରମ୍ଭରେ ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଶିବ କୁମାର ଗୌଡ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଜେତା ଟିମ୍ର ତିତିଲି କୁମାର ୨୪ ବଲରେ ବିସ୍ୱ?ରକ ୬୪ ରନ୍ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଦୁର୍ଗାପ୍ରସାଦ ଗୌଡ଼ ସମେତ ସୁମନ ସାହୁ, ବାଙ୍କନିଧି ସାହୁ, ସିମାଞ୍ଚଳ ଗୌଡ ପରିଚାଳନା କରିଥିବା ବେଳେ ଲୋକନାଥ କର, ଭୈରବ ଚନ୍ଦ୍ର କର, ଭଗବାନ ମହାପାତ୍ର, ରାଜାରାଓ ଆଚାରୀ, ବୃନ୍ଦାବନ ଗୌଡ଼, ପଞ୍ଚାନନ ସାହୁ, ଶିବାନନ୍ଦ ପାଣିଗ୍ରାହୀ, ଜୟସେନ ପାଣିଗ୍ରାହୀ, ପିଣ୍ଟୁ ଆଚାରୀ, ଆୟୋଜକ କମିଟି ଉପଦେଷ୍ଟା ସନ୍ତୋଷ କୁମାର ସାହୁ, ସମ୍ପାଦକ ତୋଫାନ ଆଚାରୀ ଓ କୋଷାଧକ୍ଷ ରାଜେଶ ଗୌଡ଼, ବଳରାମ ଗୌଡ଼ ଓ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

## କନ୍ଧମାଳ ଜଙ୍ଗଲରେ 'ଆଗ୍ରେସିଭ୍' ଅପରେସନ୍

# ବିପୁଳ ଅସ୍ତ୍ରଶସ୍ତ୍ର ଜବତ ପରେ ବି ଟଳିନି ବିପଦ

ଫୁଲବାଣୀ,୧୨।୬(ସମିସ): କନ୍ଧମାଳ ଜିଲ୍ଲାକୁ ସରକାରୀ ଭାବେ ନକ୍ସଲମୁକ୍ତ ଘୋଷଣା କରାଯାଇଥିଲେ ହେଁ, ଜଙ୍ଗଲ ଭିତରେ ଏବେ ବି ଲୁଚି ରହିଛି ମୃତ୍ୟୁର ବୋମା। ଗତ ଦୁଇ ଦିନ ତଳେ ବାଲିଗୁଡ଼ା ଅଞ୍ଚଳରୁ ବହୁ ପରିମାଣର ମାଓବାଦୀ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଉଦ୍ଧାର ହେବା ପରେ ଏବେ ସୁରକ୍ଷା ବାହିନୀ ପୁରାପୁରି ଆକ୍ସନ ମୋଡକୁ ଆସିଯାଇଛି। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ଠାରୁ ମିଳିଥିବା ସୂଚନା ଏବଂ ପ୍ରାଥମିକ ଉଦ୍ଧାର କାର୍ଯ୍ୟ ପରେ ପୋଲିସର ସନ୍ଦେହ ଦୃଢ଼ ହୋଇଛି ଯେ, ସେହି ଅଞ୍ଚଳରେ ଆହୁରି ଏକାଧିକ 'ମାଓ ଡମ୍ପ' ଲୁଚାଯାଇ ରଖାଯାଇଛି। ଏହାକୁ ନିଷ୍କ୍ରିୟ କରିବା ପାଇଁ ଏବେ ସମଗ୍ର ଅଞ୍ଚଳରେ ଏକ ଆକ୍ରମଣାତ୍ମକ ତଥା ତୀବ୍ର କମ୍ବି ଅପରେସନ ଆରମ୍ଭ ହୋଇଛି।



ଆହୁରି ମାଓ ଡମ୍ପ ଥିବା ସନ୍ଦେହ

ସୂଚନା ଅନୁଯାୟୀ, ଗଙ୍ଗାପାଦର, କୋଡ଼ାମାହା, ପାଜିମାହା, ଟେଙ୍ଗେରୀ ଏବଂ ବାଲିମାହା ଆଦି ଘଞ୍ଚ ଜଙ୍ଗଲରେ ଅପରେସନ ବନ୍ଦ ହୋଇନାହିଁ, ବରଂ ଆହୁରି ଜୋରଦାର ହୋଇଛି। ଏସଓଜି, ଡିଭିଏଫ, ସିଆରପିଏଫ ଏବଂ ବିଏସଏଫର ଏକାଧିକ ଟିମ୍ ଜଙ୍ଗଲର ଇଞ୍ଚ୍ ଇଞ୍ଚ୍ ଜାଗା ଛାନଭିନ୍ କରୁଛନ୍ତି। ବୋମା ନିଷ୍କ୍ରିୟକାରୀ ଦଳ ହାଇ ଆଲର୍ଟରେ ଅଛନ୍ତି। ଗତ ୧୦ ତାରିଖରେ ଜବତ ହୋଇଥିବା ଏସଏଲଆର ରାଇଫଲ, ଗ୍ରେନେଡ୍ ଓ ୩୦ଟି ଇଲେକ୍ଟ୍ରିକ୍ ଡିଟୋନେଟର କେବଳ ଏକ ଟ୍ରେଲର ମାତ୍ର ବୋଲି ଚର୍ଚ୍ଚା ହେଉଛି। ମାଓବାଦୀ ଅଞ୍ଚଳ ଛାଡିବା ପୂର୍ବରୁ ଭବିଷ୍ୟତରେ ବ୍ୟବହାର ପାଇଁ ଅନେକ ସାମଗ୍ରୀ ପୋତିକି ରଖିଯାଇଛନ୍ତି, ଯାହାକି ସାଧାରଣ ଲୋକ ଓ ସୁରକ୍ଷା କର୍ମୀଙ୍କ ପାଇଁ ବଡ଼ ବିପଦ।

ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ୧୦ ଜଣ ହାର୍ଡକୋର୍ ନକ୍ସଲଙ୍କ ଏନକାଉଣ୍ଟର ଓ ୨୪ ଜଣଙ୍କ ଆତ୍ମସମର୍ପଣ ପରେ ସଙ୍ଗଠନର ମେରୁଦଣ୍ଡ ଭାଙ୍ଗିଯାଇଛି। ତେବେ ପୋଲିସ ପ୍ରଶାସନ କୌଣସି ପ୍ରକାର ରିସ୍କ ନେବା ମୁଡରେ ନାହିଁ। "ନକ୍ସଲ ଗତିବିଧିର ସାମାନ୍ୟତମ ଅଂଶବିଶେଷକୁ ମଧ୍ୟ ଆମେ ବରଦାସ୍ତ କରିବୁ ନାହିଁ, ଶେଷ ଅସ୍ତ୍ରଟି ଉଦ୍ଧାର ହେବା ପର୍ଯ୍ୟନ୍ତ ଏହି ତୀବ୍ର ଅପରେସନ ଜାରି ରହିବ," ବୋଲି ସୁରକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ସଙ୍କେତ ଦିଆଯାଇଛି। ବର୍ତ୍ତମାନ କନ୍ଧମାଳ ଜଙ୍ଗଲରେ ସୁରକ୍ଷା ବାହିନୀର ବୁଟ୍ ଶବ୍ଦ ଏବଂ ଘନ ଘନ ସର୍ଚ୍ଚ ଅପରେସନ ମାଓବାଦୀଙ୍କ ବଳକା ସ୍ଲିପର ସେଲ୍ ପାଇଁ ଏକ କଡ଼ା ଚେତାବନୀ ପାଲଟିଛି।

## ଭିତ୍ତିଭୂମି ନାହିଁ

# ଦରଭଙ୍ଗା ସ୍କୁଲ୍ କୋଠାରେ ଚାଲିଛି ଅଙ୍ଗନବାଡ଼ି

ପାରଳାଖେମୁଣ୍ଡି, ୧୨।୬ (ସମିସ)

ଶିଶୁଙ୍କ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶରେ ପ୍ରାକ୍-ପ୍ରାଥମିକ ଶିକ୍ଷା ଯୋଗାଇବା ସରକାରଙ୍କ ଅଙ୍ଗନୱାଡି ଯୋଜନାର ମୂଳ ଲକ୍ଷ୍ୟ। କିନ୍ତୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏହି ଲକ୍ଷ୍ୟ କେତେ ଦୂର ସଫଳ ହୋଇଛି, ତାହାର ଏକ ନଗ୍ନ ଚିତ୍ର ଏବେ ସାମ୍ନାକୁ ଆସିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର କିଛି ଦୂରରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଭବନ ଅଭାବରୁ ସହରର ପୁରାତନ ଗୌରଚନ୍ଦ୍ର ଗଜପତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରର ଏକ ଜର୍ଜରିତ ଓ ଛୋଟ କକ୍ଷରେ ପରିଚାଳିତ ହେଉଛି। ଯେଉଁ ବୟସରେ ଶିଶୁମାନେ ଖେଳିଖେଳି ଶିଖିବା କଥା, ସେହି ବୟସର ପିଲାମାନେ ଏଠାରେ ସଂକୀର୍ଣ୍ଣ ଓ ଅନୁପଯୁକ୍ତ ପରିବେଶରେ ଦିନ କାଟୁଛନ୍ତି। ଏହି କେନ୍ଦ୍ରରେ ୮ ଜଣ ପ୍ରାକ୍-ପ୍ରାଥମିକ ଶିଶୁଙ୍କ ସହ ୪୪ ଜଣ ଗର୍ଭବତୀ, ପ୍ରସୂତୀ ଓ ଅନ୍ୟାନ୍ୟ ହିତାଧିକାରୀ ନିର୍ଭର କରୁଛନ୍ତି। ସେମାନଙ୍କୁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ ଓ ବିଭିନ୍ନ ସରକାରୀ ସେବା ଏହି ଗୋଟିଏ କକ୍ଷ ମଧ୍ୟରେ ଯୋଗାଇ ଦିଆଯାଉଛି। ଫଳରେ ଶିକ୍ଷା, ପୁଷ୍ଟି ଓ ସ୍ୱାସ୍ଥ୍ୟ ସେବା ଏକାଠି ହୋଇ ରହିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଲା, କେନ୍ଦ୍ରରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା ନାହିଁ। ପିଲାଙ୍କ ପାଇଁ ଆବଶ୍ୟକ ଖେଳ ପଡ଼ିଆ, ପର୍ଯ୍ୟାପ୍ତ ସ୍ଥାନ ଓ ଶିଶୁ-ଅନୁକୂଳ ପରିବେଶର ମଧ୍ୟ ଘୋର ଅଭାବ



ରହିଛି। ଶିକ୍ଷଣୀୟ ସାମଗ୍ରୀ ଓ ଖେଳ ଉପକରଣ ଥିଲେ ମଧ୍ୟ ସ୍ଥାନ ଅଭାବରୁ ସେଗୁଡ଼ିକର ସଠିକ୍ ବ୍ୟବହାର ସମ୍ଭବ ହୋଇପାରୁନାହିଁ। ବିଡମ୍ବନାର ବିଷୟ, "ସକ୍ଷମ ଅଙ୍ଗନବାଡ଼ି" ଯୋଜନାର କଥା କୁହାଯାଉଥିବା ବେଳେ ରାଜ୍ୟର ଏକ ଜିଲ୍ଲା ସଦର ମହକୁମାରେ ଅଙ୍ଗନୱାଡି କେନ୍ଦ୍ରଟି ମୌଳିକ ଭିତ୍ତିଭୂମି ବିନା ପରିଚାଳିତ ହେଉଛି। ଏହା କେବଳ ଏକ କେନ୍ଦ୍ରର ସମସ୍ୟା ନୁହେଁ, ବରଂ ଜିଲ୍ଲାର ଅନେକ ଅଙ୍ଗନୱାଡି କେନ୍ଦ୍ରର ବାସ୍ତବ ଚିତ୍ର ବୋଲି ଅଭିଯୋଗ ହେଉଛି। ଶିଶୁଙ୍କ ଭବିଷ୍ୟତ ଗଢ଼ିବାର କେନ୍ଦ୍ର ଯଦି ନିଜେ ଅବହେଳାର ଶିକାର ହୁଏ, ତେବେ ପ୍ରାକ୍-ପ୍ରାଥମିକ ଶିକ୍ଷାର ଗୁଣବତ୍ତା ଓ ଶିଶୁଙ୍କ ସର୍ବାଙ୍ଗୀଣ ବିକାଶ କେତେ ଦୂର ସମ୍ଭବ, ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। କୋଠାରେ ଚାଲିଛି ଅଙ୍ଗନୱାଡି, ଶିଶୁଙ୍କ ଭବିଷ୍ୟତକୁ ନେଇ ବଢ଼ୁଛି ଚିନ୍ତା ପାରଳାଖେମୁଣ୍ଡି: ଶିଶୁଙ୍କ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶରେ ପ୍ରାକ୍-ପ୍ରାଥମିକ ଶିକ୍ଷା ଯୋଗାଇବା ସରକାରଙ୍କ ଅଙ୍ଗନୱାଡି ଯୋଜନାର ମୂଳ ଲକ୍ଷ୍ୟ। କିନ୍ତୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏହି ଲକ୍ଷ୍ୟ କେତେ ଦୂର ସଫଳ ହୋଇଛି, ତାହାର ଏକ ନଗ୍ନ ଚିତ୍ର ଏବେ ସାମ୍ନାକୁ ଆସିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର କିଛି ଦୂରରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଭବନ ଅଭାବରୁ ସହରର ପୁରାତନ ଗୌରଚନ୍ଦ୍ର ଗଜପତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରର ଏକ ଜର୍ଜରିତ ଓ ଛୋଟ କକ୍ଷରେ ପରିଚାଳିତ ହେଉଛି। ଯେଉଁ ବୟସରେ ଶିଶୁମାନେ ଖେଳିଖେଳି ଶିଖିବା କଥା, ସେହି ବୟସର ପିଲାମାନେ ଏଠାରେ ସଂକୀର୍ଣ୍ଣ ଓ ଅନୁପଯୁକ୍ତ ପରିବେଶରେ ଦିନ କାଟୁଛନ୍ତି। ଏହି କେନ୍ଦ୍ରରେ ୮ ଜଣ ପ୍ରାକ୍-ପ୍ରାଥମିକ ଶିଶୁଙ୍କ ସହ ୪୪ ଜଣ ଗର୍ଭବତୀ, ପ୍ରସୂତୀ ଓ ଅନ୍ୟାନ୍ୟ ହିତାଧିକାରୀ ନିର୍ଭର କରୁଛନ୍ତି। ସେମାନଙ୍କୁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ ଓ ବିଭିନ୍ନ ସରକାରୀ ସେବା ଏହି ଗୋଟିଏ କକ୍ଷ ମଧ୍ୟରେ ଯୋଗାଇ ଦିଆଯାଉଛି। ଫଳରେ ଶିକ୍ଷା, ପୁଷ୍ଟି ଓ ସ୍ୱାସ୍ଥ୍ୟ ସେବା ଏକାଠି ହୋଇ ରହିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଲା, କେନ୍ଦ୍ରରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା ନାହିଁ। ପିଲାଙ୍କ ପାଇଁ ଆବଶ୍ୟକ ଖେଳ ପଡ଼ିଆ, ପର୍ଯ୍ୟାପ୍ତ ସ୍ଥାନ ଓ ଶିଶୁ-ଅନୁକୂଳ ପରିବେଶର ମଧ୍ୟ ଘୋର ଅଭାବ ରହିଛି। ଶିକ୍ଷଣୀୟ ସାମଗ୍ରୀ ଓ ଖେଳ ଉପକରଣ ଥିଲେ ମଧ୍ୟ ସ୍ଥାନ ଅଭାବରୁ ସେଗୁଡ଼ିକର ସଠିକ୍ ବ୍ୟବହାର ସମ୍ଭବ ହୋଇପାରୁନାହିଁ। ବିଡମ୍ବନାର ବିଷୟ, "ସକ୍ଷମ ଅଙ୍ଗନୱାଡି" ଯୋଜନାର କଥା କୁହାଯାଉଥିବା ବେଳେ ରାଜ୍ୟର ଏକ ଜିଲ୍ଲା ସଦର ମହକୁମାରେ ଅଙ୍ଗନୱାଡି କେନ୍ଦ୍ରଟି ମୌଳିକ ଭିତ୍ତିଭୂମି ବିନା ପରିଚାଳିତ ହେଉଛି। ଏହା କେବଳ ଏକ କେନ୍ଦ୍ରର ସମସ୍ୟା ନୁହେଁ, ବରଂ ଜିଲ୍ଲାର ଅନେକ ଅଙ୍ଗନୱାଡି କେନ୍ଦ୍ରର ବାସ୍ତବ ଚିତ୍ର ବୋଲି ଅଭିଯୋଗ ହେଉଛି। ଶିଶୁଙ୍କ ଭବିଷ୍ୟତ ଗଢ଼ିବାର କେନ୍ଦ୍ର ଯଦି ନିଜେ ଅବହେଳାର ଶିକାର ହୁଏ, ତେବେ ପ୍ରାକ୍-ପ୍ରାଥମିକ ଶିକ୍ଷାର ଗୁଣବତ୍ତା ଓ ଶିଶୁଙ୍କ ସର୍ବାଙ୍ଗୀଣ ବିକାଶ କେତେ ଦୂର ସମ୍ଭବ, ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

# ଏନ୍‌ଏସି ଅଫିସ ଆଗରେ ୨ କଂଗ୍ରେସ କାଉନ୍‌ସିଲରଙ୍କ ଧାରଣା

ବାଲିଗୁଡ଼ା,୧୨।୬(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ



ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ୨ କଂଗ୍ରେସ କାଉଁସିଲରଙ୍କ ଧାରଣା। ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଆୟବ୍ୟୟର ହିସାବ ଦେଉନଥିବା ଅଭିଯୋଗ କରିଛନ୍ତି ଧାରଣାରେ ବସିଥିବା ଦୁଇଜଣ କାଉଁସିଲର। ଅନ୍ୟପଟେ ସ୍ୱତନ୍ତ୍ର ଅଡିଟ୍ କରି ସମସ୍ତ ତଥ୍ୟ ନଦେବା ଯାଏଁ ଆମେ ଧାରଣାରେ ବସିବୁ ବୋଲି କହିଛନ୍ତି ଦୁଇ କଂଗ୍ରେସ କାଉଁସିଲର। ସେପଟେ ସମିତି ବୈଠକ ଥିଲା। ବୈଠକ ଆରମ୍ଭରୁ ହିଁ ପୂର୍ବ ଆୟବ୍ୟୟର ହିସାବ ମାଗିଥିଲେ ଦୁଇ କଂଗ୍ରେସ କାଉନ୍‌ସିଲର। ବର୍ତ୍ତମାନର ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ପରେ ପୂର୍ବ ବିଷୟରେ ଆଲୋଚନା କରିବାକୁ କହିଥିଲେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧିକାରୀ ବିବେକାନନ୍ଦ ଦଳାଇ ଓ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ କିନ୍ତୁ କଥା ନମାନି ବୈଠକରୁ ଉଠିଯାଇ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ଦୁଇ କାଉନ୍‌ସିଲର। ଅନ୍ୟପଟେ ଦୁଇ କଂଗ୍ରେସ କାଉନ୍‌ସିଲରଙ୍କ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ




ପାରଳାଖେମୁଣ୍ଡି, ୧୨।୬ (ସମିସ) : ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଶୁଭାରମ୍ଭ କରାଯାଇଛି। ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମିକ ନିରାକରଣ ନେଇ ବିଭିନ୍ନ ଆଇନ୍ ଓ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା କରାଯିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବ। ହୋଟେଲ, ଠିକାଦାର, ଦୋକାନୀ, କାରଖାନା, ଶିଳ୍ପ, ବୋଲି ଯେ କୌଣସି ଘରର ମାଲିକ ଶିଶୁ ଶ୍ରମିକ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରନ୍ତି ସେ ବିଷୟରେ ଏହି ରଥ ବିଭିନ୍ନ ସ୍ଥାନରେ ପରିକ୍ରମା କରି ଜନସାଧାରଣଙ୍କ ନିକଟରେ ସଚେତନତା କରାଯିବ।

ଶିଶୁ ଶ୍ରମିକ ଉଚ୍ଛେଦ ନୀତିର ଉଲ୍ଲଘଂନ କଲେ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଅବଗତ କରାଯାଇଛି। ୧୪ ବର୍ଷରୁ କମ୍ ପିଲାଙ୍କୁ କାମରେ ଲଗାଇବା, ୧୫ ରୁ ୧୮ ବର୍ଷ କିଶୋର ମାନଙ୍କୁ ବିପଦ ସଙ୍କୁଳ ବୃତ୍ତି କାର୍ଯ୍ୟରେ ନିଯୁକ୍ତ କରିବା ଘଟଣା ଦୃଷ୍ଟି ଗୋଚର ହେଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରି ପାରିବେ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଧରପଗଡ କରାଯାଇ ମଧ୍ୟ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇଥାନ ବ୍ୟବସ୍ଥା ସହ ପାଠପ?ା ଓ ଅନ୍ୟାନ୍ୟ ଦାୟିତ୍ୱ ସରକାରଙ୍କ ତରଫରୁ ବହନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁରସ୍ଥ ଶ୍ରମ କମିଶନର ବାବୁ ଚରଣ ପାତ୍ର, ଜିଲ୍ଲା ଶ୍ରମ ଅଧିକାରୀ ଅମିତ ନାୟକ, ଅତିରିକ୍ତ ଶ୍ରମ ଅଧିକାରୀ ମଦନ ମୋହନ ଟୁଡୁ, ମାନସ ରଞ୍ଜନ ସାହୁ, ପ୍ରଯୁକ୍ତା ଶବର, ଜ୍ୟୋତି କିରଣ ଗୌଡ଼, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା, ପବନରେ ଉଡ଼ିଗଲା ପୂର୍ବତନ ସରପଞ୍ଚଙ୍କ ଘର

ଟିକାବାଲି, ୧୨।୬(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ କଟିମାହା ପଞ୍ଚାୟତରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଗତ କିଛି ସମୟ ଧରି ହୋଇଥିବା ଭୟଙ୍କର ବର୍ଷା ଓ ସାଙ୍ଗକୁ ପ୍ରବଳ ପବନ ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଛନ୍ତି କଟିମାହା ଗାଁର ପୂର୍ବତନ ସରପଞ୍ଚ



ନୀଳାମ୍ବର କହଁର। ପ୍ରବଳ ପବନର ବେଗ ସହି ନପାରି ତାଙ୍କ ବାସଭବନର ସମ୍ପୂର୍ଣ୍ଣ ଚାଳ ଟିଣ ଉଡ଼ିଯାଇଥିବା ଦେଖିବାକୁ ମିଳିଛି।ମିଳିଥିବା ସୂଚନା ମୁତାବକ, ଏହି ଦୁର୍ଘଟଣା ସମୟରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଘରର ସମସ୍ତ ଆସବାବପତ୍ର ଓ ସାମଗ୍ରୀ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଯାଇଛି। ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ହରାଇ ଏବେ ପୂର୍ବତନ ସରପଞ୍ଚଙ୍କ ପରିବାର ଅତି ସୋଚନୀୟ ଅବସ୍ଥାରେ ଦିନ କାଟୁଛନ୍ତି।ପ୍ରାରମ୍ଭିକ ସ୍ତରରେ ଏହି ସମ୍ବନ୍ଧରେ ସରକାରୀ ସ୍ତରରେ କାହାରି ପାଖରେ କୌଣସି ସୂଚନା ନଥିବା ବେଳେ, ପରବର୍ତ୍ତୀ ସମୟରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷିକା ରୁନୁମା ମଲ୍ଲିକଙ୍କୁ ଏହି ଅଘଟଣ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଖବର ପାଇବା ପରେ ଆସନ୍ତାକାଲି ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ସରଜମିନ ଆକଳନ କରାଯିବ ଏବଂ ଏହାର ବିସ୍ତୃତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ରାଜସ୍ୱ ନିରୀକ୍ଷିକା ଶ୍ରୀମତୀ ମଲ୍ଲିକ ପ୍ରକାଶ କରିଛନ୍ତି।

## ପୁରୀ-ଧର୍ମଗଡ଼ ଜି ଉଦୟଗିରି ଦେଇଯିବ ଭାଲଭୋ ଜଗନ୍ନାଥ ଏକ୍ସପ୍ରେସ

ଜି ଉଦୟଗିରି ୧୨।୬(ସମିସ):କଳିଙ୍ଗା ଘାଟି ଭୂସ୍ଖଳନ ପୂର୍ବରୁ ଜି ଉଦୟଗିରି କଳିଙ୍ଗା ଦେଇ ପୁରୀ- ରାଇଘର ଭାଲଭୋ ଜଗନ୍ନାଥ ଏକ୍ସପ୍ରେସ ବସ୍ ଚଳାଚଳ କରୁଥଲା। କିନ୍ତୁ ନିର୍ମାଣ ପରେ ଆଉ ଚାଲିଲା ନାହିଁ। ସେବେ ଠାରୁ ଜି ଉଦୟଗିରି ଦେଇ ପୁରୀ ରାଇଘର ବସ୍ ଚଳାଚଳ କରିବାକୁ ଦାବି ହେଇ ଆସୁଥିବା ବେଳେ ବିଭିନ୍ନ ଆଳ ଦେଖାଇ ବିଭାଗ ଦିନ ଗଡେଇ ଚାଲି ଛନ୍ତି। ଯାହା ଦ୍ୱାରା ରାଇକିଆ, ଜି ଉଦୟଗିରି, କଳିଙ୍ଗା ଅଧିବାସୀ ମାନେ ସିଧାସଳଖ, ସୌଖିନ, ସୁଲଭ ଯାତ୍ରା ରେ ଜଗା ଦର୍ଶନ କରିବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଜନସାଧାରଣ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ସମସ୍ତଙ୍କୁ ଜଣାଇବା ପରେ ଏବେ ପୁରୀ -ରାଇଘର ବଦଳ ରେ ଧର୍ମଗଡ଼ - ପୁରୀ ଭଲଭୋ ବସ୍ ଜି ଉଦୟଗିରି ଦେଇ ଚଳାଚଳ କରିବାକୁ ପରିବହନ ବିଭାଗ ଗ୍ରୀନ ସିଗନାଲ ଦେଇଥିବା ଜଣାପଡିଛି। ଯାହା ଜଗନ୍ନାଥ ପ୍ରେମୀ ଖୁସି ବ୍ୟକ୍ତ କରିଥିବା ବେଳେ ରାଇକିଆ, ଜି ଉଦୟଗିରି, କଳିଙ୍ଗା ଅଞ୍ଚଳର ସହ ସହ ଯାତ୍ରୀ ଉପକୃତ ହେବେ।



## ପରିଡ଼ା ପଞ୍ଚାୟତରେ ବିଧାୟକଙ୍କ ଜନଶୁଣାଣି ତିନି ମାସର ବକେୟା ଭତ୍ତା ପାଇଁ ଆକୁଳ ନିବେଦନ



ଗୁମ୍ମା,୧୨।୬(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ପଞ୍ଚାୟତରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏକ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଶୁଣାଣିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନେ ଯୋଗଦେଇ ନିଜ ଅଞ୍ଚଳର ସମସ୍ୟା ଏବଂ ଦାବି ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ମୋଟ ୨୫ଟି ଅଭିଯୋଗ ମଧ୍ୟରୁ ସର୍ବାଧିକ ଗୁରୁତ୍ୱ ପାଇଥିଲା ବୃଦ୍ଧବୃଦ୍ଧାଙ୍କ ଭତ୍ତା ସମସ୍ୟା। ଗତ ତିନି ମାସ ଧରି ଭତ୍ତା ଟଙ୍କା ନ ମିଳିବାରୁ ଅନେକ ହିତାଧିକାରୀ ଆର୍ଥିକ ସଙ୍କଟରେ ପଡ଼ିଥିବା ଅଭିଯୋଗ କରିଥିଲେ। ବୃଦ୍ଧ ଓ ଅସହାୟ ବ୍ୟକ୍ତିମାନେ ବିଧାୟକଙ୍କ ସମ୍ମୁଖରେ ନିଜ ଦୁଃଖ ଜଣାଇ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ଏନେଇ ବିଧାୟକ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ର ରାଓଙ୍କୁ ପଚାରି ଜାଣିବାକୁ ପାଇଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ରୁଟି ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି ଏବଂ ତୁରନ୍ତ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ବିଧାୟକ।ଏହା ବ୍ୟତୀତ ଜଣେ ୮୦ ବର୍ଷୀୟ ବୃଦ୍ଧା ସାରଳା ସିଂ ମଧ୍ୟ ୩୫୦୦ ଟଙ୍କା ଭତ୍ତା ପାଇନଥିବା ବେଳେ ପରିଡ଼ା ପଞ୍ଚାୟତରେ ଖେଳ ପଡ଼ିଆ ଆବଶ୍ୟକତା ଥିବା ସମ୍ପର୍କିତ ଅଭିଯୋଗ ମଧ୍ୟ ଉଠିଥିଲା। ଅନୁଷ୍ଠିତ ଶୁଣାଣିରେ ଦମଦାର ନାୟକ, ବାଲାରାଜୁ ମିଶାଲ,ଉଜ୍ୱଳ ସିଂ ଓ ଉତ୍ତମ ପାଣି ଉପସ୍ଥିତ ଥିଲେ।

## ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ସଚେତନତା

ପାରଳାଖେମୁଣ୍ଡି, ୧୨।୬ (ସମିସ) : ଗଜପତି ଜିଲ୍ଲା ଓ ରୋ ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ବ୍ଲକ ଅନ୍ତର୍ଗତ ବୁଦୁରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଏବଂ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଳୟର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ବୁଦୁରା ଗ୍ରାମପଞ୍ଚାୟତର ସରପଞ୍ଚ ହେମଲତା ମିଶାଲ, ପିଇଓ ସୁନୀତା ଲିମା, ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ କାଳୁ ରାଉତ, କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ପ୍ରମୁଖ ଯୋଗଦେଇ ଶିଶୁ ଶ୍ରମ ନିରୋଧ, ଶିଶୁଙ୍କ ଅଧିକାର, ବୃଦ୍ଧମାନଙ୍କ ସୁରକ୍ଷା ଓ ସମ୍ମାନ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ଜଷ୍ଟିସ ମିଶନର ସଦସ୍ୟମାନଙ୍କ ସହ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଉପସ୍ଥିତଥିଲେ।




● ମିଥ୍ୟା ସତ୍ୟପାଠ ଦାଖଲ କରିବା ମହଙ୍ଗା ପଡ଼ିଲା

# ସୁବର୍ଣ୍ଣଗିରି ସରପଞ୍ଚ ଅଯୋଗ୍ୟ ଘୋଷିତ

ବାଲିଗୁଡ଼ା,୧୨।୬(ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ସୁବର୍ଣ୍ଣଗିରୀ ପଂଚାୟତର ସରପଞ୍ଚଙ୍କୁ ଜିଲ୍ଲାପାଳ ଅଯୋଗ୍ୟ ଘୋଷିତ କରିଥିବା ଜଣାପଡିଛି। ୨୦୨୨ରେ ପଞ୍ଚାୟତ ନିର୍ବାଚନବେଳେ ସୋମନାଥଙ୍କ ଦୁଇରୁ ଅଧିକ ପିଲା ଛୁଆଥିବା ବେଳେ ମାତ୍ର ୨ଜଣ ସନ୍ତାନ ଥିବାକଥା ମିଥ୍ୟାରେ ଉଲ୍ଲେଖ କରି ପଦବି ହାତେଇବା ସୋମନାଥ ପ୍ରଧାନଙ୍କ ପାଇଁ ମହାଙ୍ଗା ପଡିଛି। ସୂଚନାଥାଉ କି, ପ୍ରାୟ କିଛି ମାସ ପୂର୍ବେ ସଲମନ ବଡ଼ମାଝି, ଡାନିଏଲ ପ୍ରଧାନ, ମିତା ପାଲଟାସିଂ ଏବଂ ଟିମ ମିଶି ତତକାଳୀନ ସରପଞ୍ଚ ସୋମନାଥ ପ୍ରଧାନ ବ୍ଲକ ନିର୍ବାଚନ ଅଧିକାରୀଙ୍କ



ନିକଟରେ ମିଥ୍ୟା ସତ୍ୟପାଠ ଦାଖଲ କରି ପଦବୀ ହାତେଇ ଥିବାନେଇ ଏକ ଅଭିଯୋଗ କନ୍ଧମାଳ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ଏକଥା ଗଣମାଧ୍ୟମରେ ମଧ୍ୟ ପ୍ରକାଶିତ ହୋଇଥିଲା। ତେବେ ଉକ୍ତ ଘଟଣାର ତଦନ୍ତ କରି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଗ୍ରାମ ପଂଚାୟତ ଅଧିନିୟମ ଧାରା ୧୯୬୪ ଏବଂ ଅଣ୍ଡର ସେକ୍ସନ ୨୫(୧) ଅନୁସାରେ ଜୁନ ୬ ତାରିଖ ରେ ଜିଲ୍ଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୫୯ ଅନୁଯାଇ ସୋମନାଥ ପ୍ରଧାନଙ୍କୁ ସରପଞ୍ଚ ପଦରୁ ଅଯୋଗ୍ୟ ବିବେଚିତ କରି ସ୍ଥାନୀୟ ବଡିଓ କୋଟଗଡଙ୍କୁ ପତ୍ର ପ୍ରଦାନ କରିଥିବା ଜଣାପଡିଛି।

# ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍; ଡ୍ରାଇଭର ଆହତ



ବାଲିଗୁଡ଼ା,୧୨।୬(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ-ବାଲିଗୁଡ଼ା ରାସ୍ତାର କୁରୁମୁଲି ଘାଟିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୂଚନା ଅନୁସାରେ ଗାଡ଼ି ନମ୍ବର ଓଡି ୦୨ଡିଜି ୦୭୫୫ ଏକ ଟ୍ରକ ଫୁଲବାଣୀରୁ ସିମେଣ୍ଟ ବୋଝେଇ ହୋଇ ମୁନିଗୁଡା ଆସୁଥିବାବେଳେ ଭାରସାମ୍ୟ ହରାଇ କୁରୁମୁଲି ଘାଟିରେ ଥିବା ଏକ ବ୍ରିଜର ୱାଲ କୁ ପିଟି ଓଲଟି ପଡିଥିଲା। ତେବେ ଗାଡ଼ି ଭିତରେ ଡ୍ରାଇଭର ଜଗା ପରିଛା ବହୁ ସମୟ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। କିନ୍ତୁ କିଛି ସମୟପରେ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ଉଦ୍ଧାର କରି କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।ରାଜ୍ୟ ସଡ଼କ ପଥରେ ଗାଡି ପଡିରହିଥିବା ଯୋଗୁଁ ବହୁ ସମୟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବସ୍, କାର୍ ରାସ୍ତା ଉପରେ ଜମା ହୋଇଯାଇଥିବା ଦେଖାଦେଇଥିଲା।

# ବିକାଶ ଅପେକ୍ଷାରେ ପୁଞ୍ଜୁଲାଙ୍ଗି; ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ

ବାଲିଗୁଡ଼ା,୧୨।୬(ସମିସ)

ବିକାଶ ଅପେକ୍ଷାରେ ପୁଞ୍ଜାଲାଙ୍ଗି ଅଞ୍ଚଳ, ଆଜିବି ନିଜର ମୌଳିକ ସୁବିଧାରୁ ବଞ୍ଚିତ ଏହି ନିରୀହ ୩୦ରୁ ଊର୍ଦ୍ଧ ଆଦିବାସୀ ପରିବାର। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ରଡୁଙ୍ଗିଆ ପଞ୍ଚାୟତର ପୁଞ୍ଜାଲାଙ୍ଗୀ ଗ୍ରାମରେ। ଯଦିବି ଗମନା ଗମନ ପାଇଁ ପକ୍କା ରାସ୍ତା ଟିଏ ଥିଲେ ମଧ୍ୟ ଆଜିବି ଅନ୍ଧାରୀ ଜୀବନ କାଟୁଛନ୍ତି ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର।



ସ୍ୱଚ୍ଛ ପାନୀୟ ଜଳ ଅଞ୍ଚଳବାସୀଙ୍କ ପାଇଁ ସାତସପନ, ଦୁଇଟି ସରକାରୀ ନଳକୂପ ଥିଲେ ମଧ୍ୟ ବ୍ୟବହାର ଯୋଗ୍ୟ ନୁହେଁ ଏହି ଦୁଇ ନଳକୂପ। ନେଟୱାର୍କ କଥା ନ କହିବା ଭଲ। ଗ୍ରାମରେ ଅନେକ ସମସ୍ୟା ଥିବାରୁ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ଅଭିଯୋଗ କରିଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇନାହିଁ। ଅନେକ ଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କୁ ଯାଇ ଅଭିଯୋଗ କରିଛନ୍ତି ହେଲେ ଆଜି ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇପାରିନି। ବିଦ୍ୟୁତ୍ ଆଲୋକ ନ ଥିବାରୁ ରାତିରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ ଏବଂ ଛାତ୍ରଛାତ୍ରୀ। ଟର୍ଚ୍ଚ ଲାଇଟରେ ପାଠ ପଢୁଛନ୍ତି ଅଞ୍ଚଳର ପିଲାମାନେ। ନାଳର ଗୋଟିଏ ପାର୍ଶ୍ୱରେ ଗାତ ଖୋଳି ବର୍ଷ ସାରା ପାଣି ବ୍ୟବହାର କରନ୍ତି ଅଞ୍ଚଳବାସୀ। ଅନେକ ସମୟରେ ନାଳ ପାଣି ପିଇ ଛୋଟ ଛୋଟ ପିଲାମାନଙ୍କର ଦେହ ଖରାପ ହେଲେ ମଧ୍ୟ ଏହି ନାଳ ପାଣି ହିଁ ସାହା ଭରଷା। ନେଟୱର୍କ ସୁବିଧା ନୋ ଥିବାରୁ ଗର୍ଭବତୀ, ପ୍ରସୂତି, ରୋଗରେ ଆକ୍ରାନ୍ତ ଲୋକମାନଙ୍କୁ ହସ୍ପିଟାଲ ନେବାକୁ ୧୦୮ ଆମ୍ବୁଲାନ୍ସ କୁ ଫୋନ କରିବାକୁ ହେଲେ ୨ରୁ ୩ କିଲୋମିଟର ଯିବାକୁ ପଡୁଛି। ନିର୍ବାଚନ ଆସିଲେ ଅନେକ ପ୍ରତିଶ୍ରୁତି ମିଳେ ହେଲେ ନିର୍ବାଚନ ସରିଲେ ସବୁ ପ୍ରତାରଣା ପରି ଲାଗେ ଅଞ୍ଚଳବାସୀ ଙ୍କ ପାଇଁ।ଯଦି ଆଗାମୀ ଦିନଗୁଡ଼ିକରେ ଏ ସବୁ ସମସ୍ୟାର ସମାଧାନ ନ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନର ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

# ଦୁଇ ବନ୍ଧୁକ, ୩ ଜୀବନ୍ତ ଗୁଳି ଜବତ; ୫ ଗିରଫ

ଭଞ୍ଜନଗର,୧୨।୬(ସମିସ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ଶୁକ୍ରବାର ବାରୁଡ଼ା ଗ୍ରାମର ଏକ ଗଣ୍ଡଗୋଳ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବିଡିପୂରର ଶତ୍ରୁଘ୍ନ ସାଇଁ, ରାଜେନ୍ଦ୍ର ନାୟକ, ଅନିଲ ନାୟକ, ରିତେଶ ସିଂ ଓ ଲିଟୁ ସାମନ୍ତରା। ଏଥିସହ ପୋଲିସ ସେମାନଙ୍କ ଠାରୁ ୨ଟି ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ୨ଟି ବାଇକ ସମେତ ଅନ୍ୟାନ୍ୟ ଜିନିଷ ଜବତ କରିଛି। ଏନେଇ ଭଞ୍ଜନଗର ଥାନାରେ ୫୭୧/୨୬ ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଶତ୍ରୁଘ୍ନଙ୍କ ନାମରେ ଜିଲ୍ଲାର ବିଭିନ୍ନ ଥାନାରେ ୧୪ଟି ମାମଲା ଅଛି। ଅନ୍ୟ ଅଭିଯୁକ୍ତ ମାନଙ୍କ ନାମରେ ମଧ୍ୟ ଏକାଧିକ ମାମଲା ଥିବା ଆଶଙ୍କା କରାଯାଉଛି।




ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖ ଦିନ ଅଭିଯୁକ୍ତମାନେ ବାରୁଡ଼ା ଗ୍ରାମକୁ ଯାଇ ସମ୍ପୃକ୍ତ ଗ୍ରାମର ଏସ୍‌କେ ସାହୁ ଏବଂ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିସହ ଘରଦ୍ୱାର ଭଙ୍ଗାରୁଜା କରିଥିଲେ। ଗ୍ରାମ ଦାଣ୍ଡରେ ଅଭିଯୁକ୍ତମାନେ ଖୋଲାଖୋଲି ଭାବେ ବନ୍ଧୁକ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଆତଙ୍କ ଚଳାଇଥିଲେ। ଗ୍ରାମବାସୀ ଭୟରେ ଏନେଇ ପ୍ରତିବାଦ ମଧ୍ୟ କରି ପାରି ନ ଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଆଜି ଗିରଫ କରିଛି ବୋଲି ଭଞ୍ଜନଗର ଏସଡିପିଓ ଡଃ ଦୀପକ କୁମାର ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ତାହା ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମହାନ୍ତି ଓ ଜ୍ୟୋତ୍ସ୍ନା ରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏସଡିପିଓ ମିଶ୍ର କହିଥିଲେ ଯେ ବନ୍ଧୁକ ସଂସ୍କୃତି ବିଶ୍ୱାସ ରଖୁଥିବା ଅପରାଧୀମାନଙ୍କୁ ଭଞ୍ଜନଗର ଉପଖଣ୍ଡରେ ଦମନ କରାଯିବ। ଏନେଇ ସ୍ୱତନ୍ତ୍ର ଅଭିଯାନ ଚାଲିଛି ବୋଲି ସୂଚନା ଦେଇଛନ୍ତି।

## ବଜ୍ରାଘାତରେ ୨୦ ମେଣ୍ଢା ମୃତ




ପାତ୍ରପୁର,୧୨।୬(ସମିସ): ପାତ୍ରପୁର ତହସିଲ ଅନ୍ତର୍ଗତ ଜିଲୁଣ୍ଡା ନିକଟସ୍ଥ ପାହାଡ଼ ଇଲାକା ଏକ ଜମିରେ କାଳ ବୈଶାଖୀ ପ୍ରଭାବରେ ବଜ୍ରାଘାତ ଘଟି ଗୋଟିଏ ଛେଳି ଓ ୧୯ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ୫ ଜଣ ପଶୁ ପାଳକ ଶୁକ୍ରବାର ଅପରାହ୍ଣରେ ଜିଲୁଣ୍ଡା ପାହାଡ଼ ପାଦଦେଶରେ ଥିବା ବିଲକୁ ଛେଳି ଓ ମେଣ୍ଢାଙ୍କୁ ଚରାଇବା ପାଇଁ ନେଇଥିବା ବେଳେ କାଳବୈଶାଖୀ ପ୍ରଭାବରେ ହଠାତ୍ ଘଡ଼ଘଡ଼ି ସହିତ ବର୍ଷା ଆରମ୍ଭ ହୋଇଥିଲା। ଠିକ୍ ଏତିକି ସମୟରେ ବଡ଼ ଧରଣର ବଜ୍ରାଘାତ ଘଟିବା ଫଳରେ ବଜ୍ରାଘାତରେ ଲଙ୍କା ଗ୍ରାମର କେ. ଗୋପୀନାଥଙ୍କ ୧ ଛେଳି ଓ ୪ ମେଣ୍ଢା, ଜି କୁରେୟାଙ୍କ ୫ ମେଣ୍ଢା, ଡି ଆରେୟାଙ୍କ ୫ ମେଣ୍ଢା, ଜି ଲାଛମାୟାଙ୍କ ୪ ମେଣ୍ଢା ଓ ଜି ଜନାର୍ଦ୍ଦନଙ୍କ ଗୋଟିଏ ମେଣ୍ଢାର ମୃତ୍ୟୁ ଘଟିଛି। ଖବର ପାଇ ପାତ୍ରପୁର ଅତିରିକ୍ତ ପ୍ରାଣୀ ଚିକିତ୍ସକ ସସ୍ମିତା ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ବ୍ୟବଚ୍ଛେଦ କରିଥିଲେ। ପଶୁ ପାଳକମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଅଜଗର କବଳରୁ ମୃତ ଛେଳି ଉଦ୍ଧାର



ପାତ୍ରପୁର,୧୨।୬(ସମିସ): ଖାରିଆଗୁଡ଼ା ପଞ୍ଚାୟତ ଶ୍ରୀରାମପୁର ଗ୍ରାମ ନିକଟସ୍ଥ ମୟୂର ଚୁଲିଆ ପର୍ବତ ପାଦଦେଶରେ ଏକ ବିରାଟ ଅଜଗର ସାପ କବଳରୁ ଗୋଟିଏ ଛେଳିକୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଛେଳିଟିର ଡାକ ଶୁଣି ଛେଳି ଚରାଉଥିବା ଛେଳି ପାଳକମାନେ ସାପ କବଳରୁ ଉଦ୍ଧାର କରିଥିଲେ। ତେବେ ଉଦ୍ଧାର ବେଳେ ଛେଳିଟିର ମୃତ୍ୟୁ ହୋଇଥିବା ଜଣା ପଡିଛି। ନିକଟ ଗ୍ରାମର କିଛି ଲୋକ ଛେଳି ଚରାଇବାକୁ ଏହି ଜଙ୍ଗଲକୁ ଯାଇଥିବା ଅଘଟଣ ଘଟିଥିଲା।

## କେଏସ୍‌ୟୁବି କଲେଜରେ ଏସ୍‌ଆଇଆର ସଚେତନତା ଓ କୁଇଜ୍ ପ୍ରତିଯୋଗିତା




ଭଞ୍ଜନଗର,୧୨।୬ (ସମିସ): ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ମହାବିଦ୍ୟାଳୟ ସ୍ତରରେ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଜିତିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଧାନ ଟୁଲିଆମା, ଏସ ଆଇଆର ସମୟ ସାରଣୀ, ଏହାର ମହତ୍ୱ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ତହସିଲଦାର ଅଭିସ୍ୱା ପଟ୍ଟନାୟକ, ପ୍ରିନ୍ସିପାଲ ଡ. ଗଗନ ବିହାରୀ ପୁରୋହିତ ଉତ୍ତମ ଭାବେ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟରେ କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ, କଲେଜର ଅଧ୍ୟାପକ, ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ରଚିତା ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଖମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ଆଲୋଚନାସଭା
## ରେଳ ଲାଇନ୍ ପାଇଁ ଗଣଆନ୍ଦୋଳନ ନିଷ୍ପତ୍ତି

ଦିଗପହଣ୍ଡି,୧୨।୬(ସମିସ): ଦିଗପହଣ୍ଡି ସ୍ଥିତ କଳିଙ୍ଗ ବୈଶ୍ୟ ସମାଜ ସଭାଗୃହରେ ଦକ୍ଷିଣ ଓଡ଼ିଶା ବିକାଶ ସମିତି ଆନୁକୁଲ୍ୟରେ ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ଶୁକ୍ରବାର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବଜାର ଗାନ୍ଧୀ ଛକ ଠାରେ ସମସ୍ତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ଆୟୋଜିତ ସଭାରେ ଆଇନଜୀବୀ କୁରେଶୁ ପଣ୍ଡା ସଂଯୋଜନା କରିଥିଲେ। ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣ ଓଡ଼ିଶା ବିକାଶ ସମିତିର ସଭାପତି ତଥା ଅବସରପ୍ରାପ୍ତ କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା ସଭାରେ ଯୋଗଦେଇ ସମଗ୍ର ଦକ୍ଷିଣ ଓଡ଼ିଶାର ବହୁ ପ୍ରତିକ୍ଷୀତ ଗୋପାଳପୁର- ରାୟଗଡ଼ା ନୂତନ ରେଳପଥ ପ୍ରକଳ୍ପ କେନ୍ଦ୍ର ଓ ରାଜ୍ୟ ସରକାର ତ୍ୱରାନ୍ୱିତ କରିଛନ୍ତି। ପ୍ରକଳ୍ପର ଚୂଡ଼ାନ୍ତ ମାନଚିତ୍ର ଓ ସର୍ଭେ କାର୍ଯ୍ୟ ଚାଲିଛି। ଓଡ଼ିଶା ପ୍ରତି ଅସହିନଷ୍ଣୁ ଆନ୍ଧ୍ରର କିଛି ମୁଷ୍ଟିମେୟ ରେଳବାଇ ଅଧିକାରୀ ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ରେଲୱେ ଲାଇନ୍‌କୁ ଗୋପାଳପୁରରୁ ଭାୟା ଗଜପତି ୨୮୫ କିମି ଅଙ୍କା ବଙ୍କା ଦୀର୍ଘ ରାସ୍ତା ଦେଇ ରାୟଗଡ଼ାକୁ ସଂଯୋଗ ପାଇଁ ନୂତନ ନକ୍ସାକୁ ମଞ୍ଜୁରୀ ପାଇଁ ଯୋଜନାବଦ୍ଧ ଉଦ୍ୟମ ଚଳାଇଛନ୍ତି। ଏହା ବିରୋଧରେ ବ୍ୟାପକ ଗଣ ଆନ୍‌ଦୋଳନ ପାଇଁ ସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଛି। ପ୍ରଥମେ ବଜାର ଗାନ୍ଧୀ ଛକ ଠାରେ ସମସ୍ତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସଭାରେ ଦକ୍ଷିଣ ଓଡ଼ିଶା ବିକାଶ ସମିତିର କାର୍ଯ୍ୟକର୍ତ୍ତା ସୁଜିତ କୁମାର ତ୍ରିପାଠୀ, ସିପିଆଇ(ଏମ) ର ପୂର୍ବତନ ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ, ପୂର୍ବତନ ଏନଏସି ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, ବୃନ୍ଦାବନ ପଣ୍ଡା, ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ, ରସାନନ୍ଦ ରାଉତ, ପରେଶ ଚନ୍ଦ୍ର ରଥ, ଅଶେଷ ନାଥ ମିଶ୍ର, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡ଼.ଯୁଧିଷ୍ଠିର ସ୍ୱାଇଁ, ସମ୍ପାଦକ କେ.ନାଗେଶ୍ୱର ରାଓ, ଡ଼. ପ୍ରକାଶ ପାଣିଗ୍ରାହୀ, ହେମନ୍ତ ପାତ୍ର, ସାମାଜିକ କର୍ମୀ ଶୁଭେନ୍ଦୁ ପାଢ଼ୀ, ରାମନାଥ ବିଷୋୟୀ, ଗୋପାଳ କୃଷ୍ଣ ମଲ୍ଲିକ, ରବୀନ୍ଦ୍ର ନାଥ ଡାକୁଆ, ରଞ୍ଜନ ପାତ୍ର, କାଉନସିଲର ସୁନୀଲ ପଣ୍ଡା, ପୂର୍ବତନ କାଉନସିଲର ନିରୂପମା ପଟ୍ଟନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ସରପଞ୍ଚ ମନୋରଞ୍ଜନ ଗୌଡ଼, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ସନ୍ତୋଷ ଗୌଡ଼, ଅବସରପ୍ରାପ୍ତ କର୍ମଚାରୀ ସଂଘ ପୂର୍ବତନ ସଭାପତି ହରିକୃଷ୍ଣ ପଣ୍ଡା, ଭି. ଶ୍ୟାମ ସୁନ୍ଦର ରାଜୁ, ସୁରେନ୍ଦ୍ର ପଟ୍ଟନାୟକ, ସନ୍ତୋଷ ସାହୁ, ଅନିତା ବେହେରା, ରାଜକିଶୋର ଚୌଧୁରୀ, ମନୋଜ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମିଶ୍ର, ଏମ.ବାଇନାଥ, ଭି. ଧର୍ମା ରାଜୁ, ସଂଗ୍ରାମ ରଥ, ନିଗମ ପଣ୍ଡା, ବିଶ୍ୱନାଥ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ସାବୁଲିଆ ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲରେ ନୂତନ ପ୍ରଧାନ ଶିକ୍ଷକ

ରମ୍ଭା,୧୨।୬(ସମିସ): ସୋମବାର ରମ୍ଭା ନିକଟସ୍ଥ ସାବୁଲିଆ ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲ ପରିସରରେ ନୂତନ ରୂପେ ପ୍ରଧାନ ଶିକ୍ଷକ ରୋହିତ କୁମାର ସାହୁ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରିୟଙ୍କା ବରାଳ ନୂତନ ପ୍ରଧାନ ଶିକ୍ଷକଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ତତ ସହିତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ସେନାପତି ଉପଢୌକନ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଅଣଶିକ୍ଷା କର୍ମଚାରୀ ମଧ୍ୟରୁ ଅମର ପ୍ରସାଦ ନାୟକ (ଟିଜିଟିଆର୍ଟ୍ସ), ବିଦ୍ୟାଧର ବାଲା, ପପୁନି ଦାସ, ସପନା ନାହାକ, ମୃତ୍ୟୁଞ୍ଜୟ ସେନ, ବବୁଲି ବେହେରା, ପ୍ରଫୁଲ ଦାସ, ପ୍ରତିମା ଦେଇ, ରୋହିତ କୁମାର ସ୍ୱାଇଁ, ପ୍ରଦୀପ କୁମାର ବେହେରା, ରୀନାରାଣୀ ଦେଇ, ଅଶ୍ୱିନୀ କୁମାର ଦାସ (ଜୁନିୟର କ୍ଲର୍କ), ପ୍ରମିଳା ଦାସ, ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦୁଇଟି ସ୍ୱର୍ଣ୍ଣ ପଦକ ବାଜିମାରିଲେ ଦୃଷ୍ଟି ବାଧିତ କାର୍ତ୍ତିକ

ରଙ୍ଗେଇଲୁଣ୍ଡା,୧୨।୬(ସମିସ): ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନସ୍ଥ ଭାଲିଆଗଡ଼ ଗ୍ରାମ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ଛାତ୍ର ଏ କାର୍ତ୍ତିକ ଜାତୀୟ ସ୍ତରୀୟ ପାରା ସନ୍ତରଣ ଉପ କନିଷ୍ଠ ବର୍ଗ ପ୍ରତିଯୋଗୀତା-୨୦୨୬ ଦୁଇଟି ସ୍ୱର୍ଣ୍ଣ ପଦକ ବାଜି ମାରିଛନ୍ତି। କାର୍ତ୍ତିକ ଶତକଡା ୧୦୦ ଭାଗ ଦୃଷ୍ଟି ବାଧିତ ହୋଇ ମଧ୍ୟ ଭଲ ପଢିବା ସହ କ୍ରୀଡା ପ୍ରତି ଆଗ୍ରହ ରଖି ଥିବାରୁ ଏହି ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରିବାରେ ମାର୍ଗଦର୍ଶନ କରିଛନ୍ତି ଏହି ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଭାତ କୁମାର ଦାସ। ବେଙ୍ଗାଲୁରୁ ଠାରେ ଗତ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ପାରା ସନ୍ତରଣ ଉପ କନିଷ୍ଠ ବର୍ଗ ଜାତୀୟ ସ୍ତରୀୟ ପ୍ରତିଯୋଗିତାର ୫୦ ମିଟର ଫ୍ରି ଷ୍ଟାଇଲ ଓ ବେକ ଷ୍ଟ୍ରୋକ ବର୍ଗରେ ଅଂଶ ଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ର କାର୍ତ୍ତିକ। ଗାଁ ବନ୍ଧରେ ପହଁରି ଆଜି ଜାତୀୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ହାସଲ କରିଥିବା କାର୍ତ୍ତିକଙ୍କର ଏହି କୃତିତ୍ୱ ଅନ୍ୟ ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ଉଦାହରଣ ସାଜିଛି। କାର୍ତ୍ତିକ ସହିତ କନିସିସ୍ଥିତ ବାଲାଜୀ ବିଦ୍ୟାପୀଠର ଦଶମ ଶ୍ରେଣୀ ଦିବ୍ୟାଙ୍ଗ ଛାତ୍ର କେ ଦେବା ମଧ୍ୟ କନିଷ୍ଠ ବର୍ଗରେ ଏହି ପ୍ରତି ଯୋଗିତାରେ ଭାଗ ନେଇଥିଲେ। ଏହି ବିଜୟ ମୁକୁଟ ପିନ୍ଧି କାର୍ତ୍ତିକ ଓ କ୍ରୀଡା ଶିକ୍ଷାକ ପ୍ରଭାତ ଶୁକ୍ରବାର ଦିନ ନିଜ ଗ୍ରାମ କୁ ଫେରିଥିଲେ କ୍ଷ ଏହି



ଅବସରରେ ବ୍ରହ୍ମପୁର ରେଳ ଷ୍ଟେସନ ଠାରେ ସେମାନଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ତରଫରୁ ଭବ୍ୟ ସ୍ୱାଗତ କରାଯଇଥିଲା। କାର୍ତ୍ତିକଙ୍କର ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ପ୍ରଭାତୀ ମହାପାତ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ ଓ ଅନ୍ୟ ମାନେ ଶୁଭେଚ୍ଛା ଜଣାଇଛନ୍ତି।

## କୁଲାଡ଼ ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି

ଭଞ୍ଜନଗର,୧୨।୬(ସମିସ): ସ୍ଥାନୀୟ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉପସ୍ଥିତ ରହି ରଥଯାତ୍ରା ପାଇଁ



ସମୀକ୍ଷା କରିଥିଲେ। ରଥ ନିର୍ମାଣ, ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ସୁରକ୍ଷା ଓ ସଠିକ୍ ପରିଚାଳନା, ଟ୍ରାଫିକ୍ ସୁବ୍ୟବସ୍ଥା, ଉଚିତ ପୁଲିସ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଆପଦ କାଳୀନ ସ୍ୱାସ୍ଥ୍ୟଗତ ପରିସ୍ଥିତି (ଅନୁଚିତ ଘଟଣା/ଚିକିତ୍ସା) ପାଇଁ ଆମ୍ବୁଲାନ୍ସ ଓ ଚିକିତ୍ସାକର୍ମୀ ଉପଲବ୍ଧତା, ଜନସ୍ୱାସ୍ଥ୍ୟ ଓ ପାଣି ବ୍ୟବସ୍ଥା ସଫାଇ ଓ ପରିଚ୍ଛନ୍ନତା ବ୍ୟବସ୍ଥା, ମଣ୍ଡପ/ରଥ ପରିଚାଳନା, ଚାଳକ ଓ ରଥ ନିର୍ଦ୍ଦେଶନା, ଯାତ୍ରୀଙ୍କ ସୁରକ୍ଷା ଦିଗରେ ବିଭିନ୍ନ ବିଭାଗ ସହ ସୁବିସ୍ତୃତ ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ସଂଗ୍ରହ ଏଯାଏଁ ହୋଇପାରିନି। ଏଠାରୁ ଶ୍ରୀକ୍ଷେତ୍ର ପୁରୀକୁ ରଥକାଠ ଉଭୟ ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରୁ ମାଗଣାରେ ଦିଆ ଯାଉଥିବା ବେଳେ ଘୁମୁସରର ମୁଖ୍ୟ କୁଲାଡ ରଥଯାତ୍ରା ପାଇଁ ରଥକାଠ ନ ମିଳିବା ଘଟଣାକୁ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ନାପସନ୍ଦ କରିଥିଲେ। ଯଦି ସରକାର ମାଗଣାରେ ରଥ କାଠ ନ ଦିଅନ୍ତି ତେବେ ମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ରଥକାଠ ଆଣିବାକୁ ପାଖାପାଖି ଅଢେଇ ଲକ୍ଷରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏଣୁ ଏ ଦିଗରେ ଉଚିତ ପଦକ୍ଷେପ ନେବାକୁ ଉପସ୍ଥିତ କମିଟି ସଦସ୍ୟ ବିଧାୟକଙ୍କୁ ଅନୁରୋଧ କରିଥିଲେ।

ଏହି ବୈଠକରେ ଅତିରିକ୍ତ ଉପ-ଜିଲ୍ଲାପାଳ ପ୍ରଧାନ ଟୁଲିଆମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ତହସିଲଦାର ଅଭିସ୍ୱା ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅବିନାଶ ମାହାର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର, ମେଡିକାଲ ଅଧୀକ୍ଷକ ଡାକ୍ତର ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପୂର୍ତ୍ତ, ଗ୍ରାମ୍ୟ ଜଳ ଯୋଗାଣ, ଦମକଳ କର୍ମଚାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡାଙ୍କ ସମେତ ମନ୍ଦିର ପରିଚାଳନା ସଦସ୍ୟ ଓ ଅନ୍ୟାନ୍ୟ ପ୍ରତିନିଧି ଉପସ୍ଥିତ ଥିଲେ। ଭଞ୍ଜନଗର ତହସିଲଦାର ଅଭିସ୍ୱା ପଟ୍ଟନାୟକ ସଂଯୋଜନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପଜିଲ୍ଲାପାଳ କହିଥିଲେ ଯେ କୁଲାଡ ପରି ଉପଖଣ୍ଡର ବହୁ ସ୍ଥାନରେ ଯଥା ବୁଗୁଡ଼ା, ବେଲଗୁଣ୍ଠା, ଆସ୍କା, ଶେରଗଡ଼ ଓ ଧରାକୋଟ ଆଦି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହେବ। ତେଣୁ ଯାତ୍ରାକୁ ଅତି ସୁରକ୍ଷା ଓ ଶାନ୍ତି ଶୃଙ୍ଖଳାର ସହ ସଂପନ୍ନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## କୃଷି ଉଦ୍ୟାନ ନିର୍ଦ୍ଦେଶକଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

ଜି ଉଦୟଗିରି ୧୨।୬(ସମିସ): କୃଷି ଉଦ୍ୟାନ ନିର୍ଦ୍ଦେଶକ (ଆଇଏଫଏସ) କଲୁଙ୍ଗେ ଗୋରଖ ୱାମେନ ଜି ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଆସି କୃଷି ବିଜ୍ଞାନ କେନ୍ଦ୍ରରେ ଥିବା ବିଭିନ୍ନ ପରିଦର୍ଶନ ୟୁନିଟ ବୁଲି ଦେଖିବା ସହ କେନ୍ଦ୍ରର ବିଭିନ୍ନ ଜ୍ଞାନ କୌଶଳକୁ ଜ଼ିଲ୍ଲା ରେ କୃଷି ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟାନ କୃଷି ଉପ ର୍ନିଶେକଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜ଼ିଆରେ ଗୋଲମରିଚ, ଷ୍ଟ୍ରବେରୀ, ଲିଚୁ ଓ ବିଭିନ୍ନ ପନିପରିବା ଚଷର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ ଡ ନାରାୟଣ ବାର ଓ ମୃତ୍ତିକା ବୈଜ୍ଞାନିକ ଡ଼ ସୁଜିତ କୁମାର ମୁଖୀ, ଓ ଅନ୍ୟ ବୈଜ୍ଞାନିକ ସନତ କୁମାର ମେହେର, ପ୍ରଶାନ୍ତ କୁମାର ନନ୍ଦଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଜଣେ ମୃତ, ୩ ଗୁରୁତର



ଦିଗପହଣ୍ଡି,୧୨।୬(ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମ ନିକଟ ମୁଖ୍ୟରାସ୍ତା ରେ ଶୁକ୍ରବାର ଅପରାହ୍ନ ସାଢେ ୩ ଟାରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତକ ଜଣକ ହେଲେ ଦିଗପହଣ୍ଡି ବ୍ଲକ ବି. ଡୁରୁବୁଡ଼ି ଗ୍ରାମର ହରିଶ୍ଚନ୍ଦ୍ର ସାହୁଙ୍କ ପୁଅ ଶୁଭମ୍ ସାହୁ(୨୨)। ଆହାତ ଦ୍ୱୟ ହେଲେ ସେହି ଗାଁର ପବିତ୍ର ସାହୁ(୨୭), ଶୁଭମ୍ ରେଡ୍ଡୀ(୧୯) ଏବଂ କାହ୍ନା ଗୌଡ଼(୨୨)। ଶୁଭମ ସାହୁ ଏବଂ ତାଙ୍କ ସହଯୋଗୀ ଶୁଭମ ରେଡ୍ଡୀ ଏକ ବାଇକ ନଂ. (ଓଡି ୦୭ ଏ କେ ୧୮ ୫୫) ଯୋଗେ କୌଣସି କାମରେ ଗୋକର୍ଣ୍ଣପୁର ଯାଉଥିବା ବେଳେ ପବିତ୍ର ଓ କାହ୍ନା ବାଇକ ନଂ. (ଓଡି ୦୭ ଏ ୱାଇ ୦୪୩୩) ଯୋଗେ ଗାଁ କୁ ଫେରୁଥିବା ବେଳେ ଉଭୟ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତେ ବାଇକରୁ କଚାଡି ହୋଇ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡି ରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ଶୁଭମ ସାହୁଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୩ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଦିଗପହଣ୍ଡି ପୋଲିସ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶୁଭମ୍ ସାହୁ ଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗସ୍ତ ଦୁଇଟି ବାଇକକୁ ଜବତ କରିଛନ୍ତି। ସନ୍ଧ୍ୟା ହୋଇଯିବାରୁ ଶୁଭମଙ୍କ ମୃତଦେହ ଶନିବାର ସକାଳେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ବିଜେଡିର ଜନପ୍ରତିନିଧିଙ୍କୁ ପ୍ରଶାସନିକ ଅଣଦେଖା ଅଭିଯୋଗ

ବୁଗୁଡ଼ା,୧୨।୬(ସମିସ)

ବୁଗୁଡ଼ା ବ୍ଲକର ବି.ବ୍ରହ୍ମପୁର ଗ୍ରାମସ୍ଥ କଦମ୍ବମଠ ପରିସରରେ ବିଜୁ ଜନତା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଦଳୀୟ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅଣଦେଖା କରାଯିବା ସହ ସେମାନଙ୍କ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରାଯାଉଥିବା ନେଇ ବ୍ୟାପକ ଆଲୋଚନା ସାଙ୍ଗକୁ ପ୍ରଶାସନିକ ମନମୁଖୀ କାର୍ଯ୍ୟକଳାପକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଉକ୍ତ ବୈଠକରେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସମେତ ଦଳୀୟ ଜନପ୍ରତିନିଧିବୃନ୍ଦ ଏବଂ କର୍ମୀଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏ ଅବସରରେ ରାଜନୈତିକ ଚାପର ଶିକାର



### ଦଳକୁ ଫେରିଲେ କେ.ନୀଳମାଧବ ଆଚାରୀ

ହୋଇ ବିଜେଡି ତ୍ୟାଗକରି ବିଜେପିରେ ଯୋଗ ଦେଇଥିବା ବୁଗୁଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ.ନୀଳମାଧବ ଆଚାରୀଙ୍କ ସମେତ କରସିଙ୍ଗି ପଞ୍ଚାୟତ ସମିତି ସଭ୍ୟ ଟିକୁ ବାରିକ, ଭାମଶ୍ୟାଳି ସମିତି ସଭ୍ୟାଙ୍କ ପ୍ରତିନିଧି ଗଣେଶ ପ୍ରଧାନ ପ୍ରମୁଖ ବିଜେପିରୁ ମୋହଭଙ୍ଗ କରି ବିଜେଡିରେ ଯୋଗ ଦେଇଥିଲେ। ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ବିଜେଡିକୁ ସ୍ୱାଗତ କରାଯାଇଥିଲା। ତେବେ ଆଗାମୀ ଦିନରେ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ବଡ ଧରଣର ମିଶ୍ରଣ ପର୍ବର ଆୟୋଜନ କରାଯିବାନେଇ ପ୍ରାକ୍ତନ ମନ୍ତ୍ରୀଙ୍କ ସୂଚନା ପ୍ରଦାନ ସାଙ୍ଗକୁ ବୁଗୁଡା ବ୍ଲକର ଅନେକ ପଞ୍ଚାୟତରେ ବିକାଶ ବାଟବଣା ହୋଇଥିବା ବେଳେ ଏହାର ପ୍ରତିବାଦ ପାଇଁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗତ ଜୁନ୍ ୨ ତାରିଖ ଦିନ ବିରଞ୍ଚିପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଚେତାବନୀ ପ୍ରଦାନ ସାଙ୍ଗକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପ୍ରତି ଅସନ୍ତୋଷ ଜାହିର କରିବା ଘଟଣା ଅଞ୍ଚଳରେ ରାଜନୈତିକ ହଟଚମଟ ସୃଷ୍ଟି କରିଥିବା ବେଳେ ଆଜିର ଏହି ବିଜେଡିର ବୈଠକ ଏବଂ ଦଳୀୟ ଜନପ୍ରତିନିଧିଙ୍କ ଘରବାହୁଡ଼ା ପର୍ବକୁ ଆଗାମୀ ଦିନରେ ରାଜନୈତିକ ପାଣିପାଗର ସମ୍ଭାବ୍ୟ ପରିବର୍ତ୍ତନର ପ୍ରାକ ସୂଚନା ବୋଲି ସାଧାରଣରେ ଜୋରସୋରରେ ଚର୍ଚ୍ଚା ଚାଲିଥିବା ଦେଖିବାକୁ ମିଳିଛି।




